# ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଳତ


ଅନୁଗୋଳ


ତାଳଚେର


ଆଠମଲ୍ଲିକ

ଅନୁଗୋଳ, ୯ ।୫ (ସମିସ):

ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶନିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଳତ ଅନୁଷ୍ଠିତ ହୋଇଛି। ଏଥିରେ ୭୫ଟି ପ୍ରାକ୍ ମୋକଦମା ଜନିତ ମାମଲାର ବିଚାର କରାଯାଇ ୧୦ ଲକ୍ଷ ୨୩ ହଜାର ୨୧୧ ଟଙ୍କାରେ ସମାଧାନ କରାଯାଇଛି। ସେହିପରି ୫୧୮୪ଟି ବିଚାରାଧୀନ ମାମଲାର ଫଇସଲା କରାଯାଇଥିଲା। ସେଥିମଧ୍ୟରୁ ୨୩ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ୧ କୋଟି ୫୯ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି। ୧୩ଟି ଚେକ ବଉନ୍ସ ମାମଲାର ବିଚାର କରାଯାଇ ୩୬ ଲକ୍ଷ ୭୧ ହଜାର ୩୧୧ ଟଙ୍କାରେ ସମାଧାନ କରାଯାଇଛି। ୯ଟି ଶ୍ରମ ବିବାଦ ମାମଲାର ବିଚାର କରାଯାଇ ୪୫ ଲକ୍ଷ ୮୪ ହଜାର ୬୬୬ ଟଙ୍କାରେ ସମାଧାନ କରାଯାଇଛି। ୬୬ଟି ଦେୱାନୀ ମାମଲାର ସମାଧାନ କରାଯାଇଛି। ୩ଟି ବିଚାରାଧୀନ ବ୍ୟାଙ୍କ ସମ୍ପର୍କିତ ମାମଲା, ୩୫ଟି ପାରିବାରିକ ମାମଲା (ଛାଡ଼ପତ୍ର ବ୍ୟତୀତ), ୨ଟି ଖାଉଟି ବିବାଦ, ୪୮୫୯ଟି ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲାର ଫଇସଲା କରାଯାଇଛି। ଏହି ଲୋକ ଅଦାଳତରେ ତାଳଚେର, ଆଠମଲିକ, ପାଲଲହଡ଼ା, ଛେଣ୍ଡିପଦା ଓ ବଣ୍ଟାରପାଳରେ ଥିବା ଅଦାଳତ, ଖାଉଟି ଅଦାଳତ, ଶ୍ରମ କାର୍ଯ୍ୟାଳୟ, ବିଭିନ୍ନ ତହସିଲ, ବ୍ୟାଙ୍କ, ବିଦ୍ୟୁତ ବିଭାଗ ଓ କ୍ଷେତ୍ରୀୟ ପରିବହନ କାର୍ଯ୍ୟାଳୟ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଲୋକ ଅଦାଳତ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବିଶ୍ୱକଲ୍ୟାଣୀ ମିଶ୍ର ଅଦାଳତ ପରିଚାଳନା କରିଥିଲେ।

**ତାଳଚେର:** ତାଳଚେର ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଦ୍ୱିତୀୟ ରାଷ୍ଟ୍ରିୟ ଲୋକ ଅଦାଳତ ୨୦୨୬ ଅନୁଷ୍ଠିତ ହେଇଯାଇଛି। ଏଥିରେ ଗୋଟିଏ ପ୍ରାକ୍ ମକଦ୍ଦମା ଜନିତ ବ୍ୟାଙ୍କ ସମ୍ପର୍କିତ ମାମଲା ୩ହଜାର ୬ଶହ ୨୬ଟଙ୍କା ଓ ୬୯୬ଟି ରାଜସ୍ୱ ମାମଲା ୩ଲକ୍ଷ ୧୫ହଜାର ୨୩୪ ଟଙ୍କାରେ ସମାଧାନ କରାଯାଇଥିଲା। ସେହିପରି ୧୬୨ଟି ବିଚରାଧୀନ ମାମଲାର ଫଇସଲା କରାଯାଇଥିଲା। ତାଳଚେର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସତ୍ୟନାରାୟଣ କରଙ୍କ ଅଦାଳତ ୧୬ଟି ମଟରଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରି ୧ କୋଟି ୫ ଲକ୍ଷ ୩୦ ହଜାର ଟଙ୍କାର କ୍ଷତିପୂରଣ ପ୍ରଦାନ କରିଥିଲେ। ୪ଟି ଦେୱାନୀ, ଗୋଟିଏ ଫୌଜଦାରୀ ଅପିଲ, ଗୋଟିଏ ଫୌଜଦାରୀ ରିଭିଜନ୍, ୩ଟି ସେସନ୍ସ ମାମଲାର ସମାଧାନ କରିଥିଲେ। ସେହିଭଳି ତାଳଚେରର ଅନ୍ୟ ଅଦାଳତଗୁଡ଼ିକ ଅଂଶଗ୍ରହଣ କରି ୩ଟି ଚେକ ବାଉନ୍ସ ମାମଲାର ବିଚାରକରି ୫ଲକ୍ଷ ୮ହଜାର ୯୯୮ଟଙ୍କାରେ ସମାଧାନ କରିଥିଲେ। ୭ଟି ଦେୱାନୀ ମାମଲାର ସମାଧାନ କରାଯାଇଥିଲା। ୩ଟି ବିଚାରାଧୀନ ବ୍ୟାଙ୍କ ସମ୍ପର୍କିତ ମାମଲା, ୨୦ଟି ପାରିବାରିକ (ଛାଡ଼ପତ୍ର ବ୍ୟତୀତ) ମାମଲା ଓ ୧୦୧ଟି ଫୌଜଦାରୀ ମାମଲା ଫଇସଲା କରାଯାଇଥିଲା। ଏହି ରାଷ୍ଟ୍ରିୟ ଲୋକ ଅଦାଳତରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଳତରେ ଗିରିଜାଶଙ୍କର ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି ଦୀପଙ୍କର ପଟ୍ଟନାୟକଙ୍କ ଅଦାଳତରେ ପ୍ରଶାନ୍ତ ଦେବତା, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଅଭୟ କୁମାର ଦାସଙ୍କ ଅଦାଳତରେ ରଞ୍ଜିତା ଗଡ଼ନାୟକ, ଉପଖଣ୍ଡସ୍ତରୀୟ ବିଚାରବିଭାଗୀୟ ଦଣ୍ଡାଧିକାରିଣୀ ଧୁର୍ବି ସଲାଙ୍କିଙ୍କ ଅଦାଳତରେ ମାନସ ପରିଡ଼ା, ପ୍ରଥମଶ୍ରେଣୀ ବିଚାରବିଭାଗୀୟ ଦଣ୍ଡାଧିକାରିଣୀ କୃଷ୍ଣା ସୁବୁଦ୍ଧିଙ୍କ ଅଦାଳତରେ ଯଶୋବନ୍ତ ବଳବନ୍ତ ନନ୍ଦ ଓ ପ୍ରଥମଶ୍ରେଣୀ ବିଚରା ବିଭାଗୀୟ ଦଣ୍ଡାଧିକାରିଣୀ ମେଘ୍ନା ପଣ୍ଡାଙ୍କ ଅଦାଳତରେ ବିଜୟ ସାମଲ ପ୍ରମୁଖ ସାମ୍ବିଧାନିକ ବେଞ୍ଚର ସଦସ୍ୟ ଥିଲେ।

**ଆଠମଲ୍ଲିକ:** ଆଠମଲ୍ଲିକ ଦେୱାନୀ ଅଦାଲତ ପରିସରରେ ଶନିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲା ଓ ଦୌରାଜଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ସବ୍‌ଜଜ ଲିଙ୍କିପ୍ରିୟା ସାହୁ, ଏସଡିଜେଏମ ସିଙ୍କୁନ ରାୟ, ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଜିତେନ୍ଦ୍ର କୁମାର ମୁଖି, ବରିଷ୍ଠ ଆଇନଜୀବୀ ଜିତେନ୍ କୁମାର ମିଶ୍ର, ସରକାରୀ ଓକିଲ ବିଦ୍ୟୁତ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ଅଦାଲତ ସମ୍ବନ୍ଧିତ ୧୬ଟି ମାମଲାର ଫଇସଲା କରାଯାଇଥିଲା। ଏଥିରେ ଏସ୍‌ବିଆଇର ଆଠମଲ୍ଲିକ, ବଇଣ୍ଡା, କିଶୋରନଗର ଶାଖା, ଇଣ୍ଡିଆନ ବ୍ୟାଙ୍କର ଆଠମଲ୍ଲିକ ଶାଖା, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଅଏଡ଼ା ଓ ବ୍ୟାଙ୍କ ଅଫ ବରୋଦାର ପାଇକସାହି ଶାଖା କର୍ମଚାରୀ ଯୋଗଦେଇଥିଲେ।

# ବ୍ୟାଙ୍କରେ ଟୋକନ ବ୍ୟବସ୍ଥାକୁ ନେଇ ଅସନ୍ତୋଷ

● ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

କିଶୋରନଗର/ବଇଣ୍ଡା, ୯ ।୫ (ସମିସ): ଲୋକେ କିପରି ବ୍ୟାଙ୍କଗୁଡ଼ିକରେ ଭଲ ସେବା ପାଇପାରିବେ ସେ ନେଇ କେନ୍ଦ୍ର ସରକାର ବିଭିନ୍ନ ସମୟରେ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେଇ ସଚେତନ କରାଉଛନ୍ତି। ହେଲେ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଜାମୁନାଳୀସ୍ଥିତ ବ୍ୟାଙ୍କ ଅଫ ବରୋଦାରେ ଲୋକଙ୍କୁ ସଠିକ ସେବା ମିଳୁନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ବିଶେଷ କରି ଏହି ବ୍ୟାଙ୍କରେ କାରବାର କରିବା ପାଇଁ ଏବେ କର୍ମଚାରୀମାନେ ଟୋକନ ବ୍ୟବସ୍ଥା କରିଛନ୍ତି। ଟୋକନ ଦେଖାଇଲେ ବ୍ୟାଙ୍କକୁ ପ୍ରବେଶ କରା ଯାଉଥିବା ବେଳେ ବହୁ ଶ୍ରମିକ ହଇରାଣ ହୋଇ ବ୍ୟାଙ୍କ ସେବା ନ ପାଇ ନିରାଶ ହେଉଛନ୍ତି। ଟୋକନ ବ୍ୟବସ୍ଥାର ବିରୋଧ କରି ନୁନୁକାପଶି ଗ୍ରାମବାସୀ ଶନିବାର ଅନୁଗୋଳ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିଛନ୍ତି ଯେ ଏହି ବ୍ୟାଙ୍କ ଉପରେ ଆଖ ପାଖ ୫ ପଞ୍ଚାୟତର ଜନସାଧାରଣ ନିର୍ଭର କରୁଛନ୍ତି। ବିଶେଷ କରି ଡିଜିଟାଲ ଯୁଗରେ ଅନେକ ଅର୍ଥରାଶି ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଆସୁଥିବା ବେଳେ ଉଠାଣ ପାଇଁ ଲୋକେ ହଇରାଣ ହେଉଛନ୍ତି। ଗ୍ରାହକମାନଙ୍କୁ ସଠିକ ଭାବେ ସେବା ମିଳୁନାହିଁ। ଗତ କିଛିଦିନ ତମେ ବ୍ୟାଙ୍କର ଅବ୍ୟବସ୍ଥା ସମ୍ପର୍କରେ ବଇଣ୍ଡା ଗ୍ରାମବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ କର୍ମଚାରୀମାନେ ଟୋକନ ବ୍ୟବସ୍ଥା କରିଛନ୍ତି। ବ୍ୟାଙ୍କର ସେପରି କୌଣସି ନିର୍ଦ୍ଦେଶ ନ ଥିବା ବେଳେ ଟୋକନ ବ୍ୟବସ୍ଥା କରି ଲୋକଙ୍କୁ ଅଯଥା ହଇରାଣ କରାଯାଉଛି। ପ୍ରତ୍ୟେକ ଦିନ ଶହ ଶହ ଲୋକ ବ୍ୟାଙ୍କକୁ ଆସୁଥିବା ବେଳେ ଟୋକନ ବ୍ୟବସ୍ଥା କରି ବ୍ୟାଙ୍କକୁ ଜଣେ ଜଣେ କରି ଛଡ଼ାଯାଉଛି। ବ୍ୟାଙ୍କର କିଛି କର୍ମଚାରୀ ଏପରି ବ୍ୟବସ୍ଥା କରିଥିବା ବେଳେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଶୁକ୍ରବାର ଅନେକ ଗ୍ରାହକ ସେବା ନ ପାଇ ଫେରିଯାଇଥିଲେ। ବାରମ୍ବାର ଏଭଳି ସମସ୍ୟା ସୃଷ୍ଟି ହେଉଥିବା ବେଳେ ସ୍ଥାୟୀ ସମାଧାନ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଶାଖା ପରିଚାଳକ ହୃଦାନନ୍ଦ ପ୍ରଧାନ କୁହନ୍ତି, ବ୍ୟାଙ୍କର ଶୃଙ୍ଖଳା ପାଇଁ ଟୋକନ ବ୍ୟବସ୍ଥା କରାଯାଇଛି। ବ୍ୟାଙ୍କର ସମ୍ବଲପୁର ଆଞ୍ଚଳିକ ପରିଚାଳକ ପ୍ରଭାକର ଝଙ୍କଟସିଂ କୁହନ୍ତି, ବ୍ୟାଙ୍କରେ ଟୋକନ ପାଇଁ କୌଣସି ନିୟମ ନାହିଁ। ଉକ୍ତ ଶାଖା କର୍ମଚାରୀ ଏହି ବ୍ୟବସ୍ଥା କରିଛନ୍ତି। ତଦନ୍ତ କରାଯାଇ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ

ବଇଣ୍ଡା, ୯ ।୫ (ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଅଞ୍ଚଳର ଜଣେ ୨୫ ବର୍ଷୀୟ ମହିଳାଙ୍କୁ କନ୍ତପଡ଼ା ଅଞ୍ଚଳର ଗଗନ ବିହାରୀ ସାହୁ ଦୁଷ୍କର୍ମ କରିଥିବା ଶୁକ୍ରବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ମହିଳା ଘରେ ଏକୁଟିଆ ଥିବା ବେଳେ ଗଗନ ଘରେ ପଶି ତାଙ୍କୁ ଦୁଷ୍କର୍ମ କରିଥିଲେ। ଏ ସମ୍ପର୍କରେ କାହାକୁ କହିଲେ ସେ ତାଙ୍କ ପରିବାର ଲୋକଙ୍କୁ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

● ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ମାଧପୁରକୁ ହରାଇ ଆମ୍ବସରମୁଣ୍ଡା ଚାମ୍ପିଅନ

କିଶୋରନଗର, ୯ ।୫ (ସମିସ): ଆଠମଲ୍ଲିକ ଉପଖଣ୍ଡ ତାଳମଳିହାଠାରେ ଏସଏମ ବଏଜ କ୍ଲବ ପକ୍ଷରୁ ଆୟୋଜିତ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ଆମ୍ବସରମୁଣ୍ଡା ଓ ମାଧପୁର ମଧ୍ୟରେ ଖେଳାଯାଇଥିଲା। ଆମ୍ବସରମୁଣ୍ଡା ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଆମ୍ବସରମୁଣ୍ଡା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧୨୯ ରନ କରିଥିଲା। ଜବାବରେ ମାଧପୁର ଦଳ ନିର୍ଦ୍ଧାରିତ ଓଭରରେ ମାତ୍ର ୪୬ ରନରେ ସୀମିତ ରହିଯାଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ବିଜେଡି ସଭାପତି ମହେଶ୍ୱର ଦେହୁରୀ, ସମ୍ମାନିତ ଅତିଥିଭାବେ ଶିକ୍ଷକ ଅନନ୍ତ ମାଝୀ, ଛବିଳ ରାଉତ, ସମାଜସେବୀ ରମାକାନ୍ତ ସାହୁ, ଅମୂଲ୍ୟ ନାୟକ, ଦିଲୀପ ସାହୁ, ସାରଙ୍ଗଧର ପ୍ରଧାନ, ଭଗବାନ ମାଝୀ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଏସଏମ ଟିମର ମାନସ, ପିଣ୍ଟୁ, ସୁବ୍ରତ, ଶୀତେଶ, ଘାସିନାଥ, ଅବଧୂତ, ମୁନା, ସୁନୀଲ, ରାଜା, ଶିବୁ, ଜଗଦୀଶ, ବାଦଲ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ମାନସ ମ୍ୟାଗ୍ନେଟ ଧାରା ବିବରଣୀ ପ୍ରଦାନ କରିଥିଲେ।

କର୍ମଚାରୀ ଛଟେଇର ପ୍ରତିବାଦ

# ବିଦ୍ୟୁତ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ

କିଶୋରନଗର/ବଇଣ୍ଡା, ୯ ।୫ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ବିଦ୍ୟୁତ ବଣ୍ଟନ ବ୍ୟବସ୍ଥା ପାଇଁ ଟାଟା ପାୱାରରେ ନିଯୁକ୍ତ ହୋଇଥିବା ୧୦ ଜଣ ଠିକା କର୍ମଚାରୀଙ୍କୁ ଠିକାସଂସ୍ଥା ପକ୍ଷରୁ ଛଟେଇ କରି ଦିଆଯାଇଛି। ଫଳରେ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର ଉପଖଣ୍ଡର ସମସ୍ତ ଠିକା କର୍ମଚାରୀ ଏକଜୁଟ ହୋଇ ବଇଣ୍ଡା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପରିସରରେ ପ୍ରତିବାଦ କରିଛନ୍ତି। କର୍ମଚାରୀମାନେ କହିଛନ୍ତି ଯେ ଆଠମଲ୍ଲିକ ଓ କିଶୋରନଗର ବ୍ଲକର ୪୭ ପଞ୍ଚାୟତରେ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ୮୫ ଜଣ ଠିକା କର୍ମଚାରୀ ନିଯୁକ୍ତ କରାଯାଇଛି। ସେଥିମଧ୍ୟରୁ ୧୦ ଜଣଙ୍କୁ ଠିକା ସଂସ୍ଥା କିଛିଦିନ ପୂର୍ବେ ଛଟେଇ କରିଛି। କୌଣସି କାରଣ ନ ଥାଇ ଠିକାସଂସ୍ଥା ବିନା ନୋଟିସରେ ଛଟେଇ କରିଛି। ସ୍ୱଳ୍ପ ବେତନ ଦେଇ ସମସ୍ତ କର୍ମଚାରୀଙ୍କୁ ଖଟାଉଥିବା ବେଳେ ବେଆଇନ ଛଟେଇକୁ ନେଇ ଠିକା



କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଶନିବାର କର୍ମଚାରୀମାନେ ବଇଣ୍ଡା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟଠାରେ ବିକ୍ଷୋଭ କରିବା ସହ ଏସଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତ ପ୍ରଦାନ କରା ନ ଗଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଏ ନେଇ ବଇଣ୍ଡା ବିଦ୍ୟୁତ ବିଭାଗ ଏସଡିଓ ଅକ୍ଷୟ କୁମାର ସାହୁ କହିଛନ୍ତି ଯେ ଠିକାସଂସ୍ଥା ପକ୍ଷରୁ ଛଟେଇ କରାଯାଇଛି। କର୍ମଚାରୀଙ୍କ ଅଭିଯୋଗପତ୍ରକୁ ଠିକାସଂସ୍ଥାକୁ ପଠାଇ ଦିଆଯିବ।

# ବନ୍ଧୁକ ଦେଖାଇ ଲୁଟିନେଲେ ମୋବାଇଲ

ବଣ୍ଟାରପାଳ, ୯ ।୫ (ସମିସ): ବଣ୍ଟାରପାଳ ଥାନା ଅଞ୍ଚଳରେ ଦୀର୍ଘଦିନ ପରେ ପୁଣି ମାତିଲେ ଲୁଟେରା। ଶୁକ୍ରବାର ରାତି ପ୍ରାୟ ୯ଟାରେ ବଣ୍ଟାରପାଳ ଶିମିଳି ସାହିର ଅଜୟ କୁମାର ବେହେରା (୩୦) କଲେଜ ପାଖ ବୃନ୍ଦାବନପୁର ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ଏକ କଳା ୟୁନିକର୍ଣ୍ଣ ବାଇକ୍‌ରେ ୩ ଯୁବକ ଆସି ତାଙ୍କୁ ମୋବାଇଲ ମାଗିଥିଲେ। ଅଜୟ ମୋବାଇଲ ନ ଦେବାରୁ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ମୋବାଇଲ ଛଡ଼ାଇ ଦ୍ରୁତଗତିରେ ବୃନ୍ଦାବନପୁର ଗ୍ରାମ ଆଡ଼େ ପଳାଇଥିଲେ। ଏ ନେଇ ଅଜୟ ଥାନାରେ ଅଭିଯୋଗ କରିଛନ୍ତି। କଲେଜ ପାଖରେ ଥିବା ପଡ଼ିଆ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପଲଟିଛି। ସନ୍ଧ୍ୟା ହେଲେ ମଦ୍ୟପମାନେ ମଦପିଇ ଚୋରି ଡକାୟତି ସହ ବିଭିନ୍ନ ଅସାମାଜିକ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହେଉଛି।

# ଜୁଭେଣ୍ଟିକା: ପୁଲିସ-ଯୁବପିଢ଼ିଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ଲକ୍ଷ୍ୟ


ଅନୁଗୋଳ


କିଶୋରନଗର


କଣିହାଁ


ଛେଣ୍ଡିପଦା


ବଣ୍ଟାରପାଳ


କିଶୋରନଗର


ଖାମାର

ଅନୁଗୋଳ, ୯ ।୫ (ସମିସ):

ଭୁବନେଶ୍ୱର ପୁଲିସ ସେବା ଭବନରେ ଓଡ଼ିଶା ପୁଲିସର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଏବଂ ୟୁନିସେଫ୍ ମିଳିତ ସହଯୋଗରେ 'ଜୁଭେଣ୍ଟିକା-କିଶୋର କିଶୋରୀମାନଙ୍କ ସହ ପୁଲିସର ସଚେତନତା ଓ ସମ୍ପର୍କ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଜୁଭେଣ୍ଟିକା ମାଧ୍ୟମରେ ଓଡ଼ିଶା ପୁଲିସ ଶିଶୁ ଓ କିଶୋର-କିଶୋରୀମାନଙ୍କ ପାଇଁ ପୁଲିସ ବ୍ୟବସ୍ଥାକୁ ଅଧିକ ସହଜ, ସୁରକ୍ଷିତ ଓ ବନ୍ଧୁତ୍ୱପୂର୍ଣ୍ଣ କରିବାକୁ ଉଦ୍ୟମ କରାଯାଉଛି ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟବ୍ୟାପୀ ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୫୫ ଥାନାରେ ୧୫ ହଜାରରୁ ଅଧିକ କିଶୋର-କିଶୋରୀ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନ ସମୟରେ ବହୁ ସଂଖ୍ୟାରେ କିଶୋର-କିଶୋରୀ ସାମାଜିକ ଗଣମାଧ୍ୟମର ନକାରାତ୍ମକ ବିଷୟବସ୍ତୁ ଉପଭୋଗ କରିବାରେ ସମୟ ଅତିବାହିତ କରୁଛନ୍ତି। ସବୁବେଳେ ସାମାଜିକ ଗଣମାଧ୍ୟମରୁ ଶିକ୍ଷଣୀୟ ବିଷୟବସ୍ତୁ ଗ୍ରହଣ କରି ଭବିଷ୍ୟତ ଉଜ୍ଜ୍ୱଳ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ବିଭିନ୍ନ ସମୟରେ ସେମାନେ ସାଇବର ଅପରାଧ ସହ ସାମାଜିକ ସମସ୍ୟାର ଶିକାର ହୋଇ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି। ଏହି ପରିସ୍ଥିତିରେ ସେମାନଙ୍କୁ ନୈତିକ ଶିକ୍ଷା ଦେବା ସହ ସେମାନଙ୍କ କଥାକୁ ଧ୍ୟାନର ସହ ଶୁଣି ସଠିକ୍ ପରାମର୍ଶ ଓ ନୈତିକ ସମର୍ଥନ ପ୍ରଦାନ କରିବା ମଧ୍ୟ ଆମ ସମସ୍ତଙ୍କ ପ୍ରମୁଖ ଦାୟିତ୍ୱ। ଏହି ପ୍ରୟାସ ଯୁବପିଢ଼ି ଓ ପୁଲିସ ମଧ୍ୟରେ ବିଶ୍ୱାସ ଓ ସହଯୋଗ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଡିଜିପି ମତବ୍ୟକ୍ତ କରିଥିଲେ। ସେ କିଶୋର-କିଶୋରୀମାନଙ୍କୁ ନିର୍ଭୟରେ ପୁଲିସ ସହ ଯୋଗାଯୋଗ କରି ନିଜ ସମସ୍ୟା ଜଣାଇବାକୁ ଅନୁରୋଧ କରିଥିଲେ। ଏହାବ୍ୟତୀତ କିଶୋର-କିଶୋରୀମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରି ସେମାନଙ୍କ ସୁରକ୍ଷା ଓ ମଙ୍ଗଳ ପ୍ରତି ଅଧିକ ଯତ୍ନବାନ ହେବାକୁ ପୁଲିସ ଅଧିକାରୀମାନଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ ଡିଜିପି ଖୁରାନିଆ ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାର କିଶୋର-କିଶୋରୀଙ୍କ ସହ ଭାବ ବିନିମୟ କରିଥିଲେ। ଅନୁଗୋଳ ଟାଉନ ଥାନା ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଅନୁଗୋଳ ଏସପି ରାହୁଲ ଜୈନ, ଅତିରିକ୍ତ ଏସପି ରାଜୀବ ଲୋଚନ ପଣ୍ଡା, ଏସଡିପିଓ ରମାକାନ୍ତ ମହାଳିକ, ଡିଏସପି ସମୀର ପଣ୍ଡା, ଜାଗେଶ୍ୱରୀ ବେହେରା, ଆଇଆଇସି ପ୍ରକାଶ ମାଝୀଙ୍କ ସମେତ ବରିଷ୍ଠ ମହିଳା ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

**କିଶୋରନଗର:** ଠାକୁରଗଡ଼ ଥାନା ପରିସରରେ "ଜୁଭେଣ୍ଟିକା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅଭିନବ ପ୍ରୟାସ ଯୁବପିଢ଼ିଙ୍କ ପାଇଁ ଏକ ସକାରାତ୍ମକ ପଦକ୍ଷେପ ବୋଲି କୁହାଯାଇଛି। ବିଶେଷ କରି ପୁଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରି ଏକ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ପାଇଁ ଏହି ପ୍ରୟାସ କରାଯାଇଛି। ଠାକୁରଗଡ଼ ଥାନା ଅଧିକାରୀ ଶଶିଭୂଷଣ ବେହେରା, ମନୋଜ କୁମାର ବେହେରା, ଯଶୋବନ୍ତ ନାୟକଙ୍କ ସମେତ ଥାନାର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ଯୁବପିଢ଼ିଙ୍କୁ ଦେଶ ଗଠନରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ।

**କଣିହାଁ:** କଣିହାଁ ବ୍ଲକର ବିଭିନ୍ନ ଥାନାରେ ଶୁକ୍ରବାର ଅପରାହ୍ନରେ ଜୁଭେଣ୍ଟିକା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ମହିଳା, ଶିଶୁ ଓ ଅଙ୍ଗନବାଡ଼ି କର୍ମୀମାନେ ଯୋଗଦେଇଥିଲେ। କଣିହାଁ ଥାନା ଆଇଆଇସି ରମଣୀ ରଞ୍ଜନ ଦଳେଇ, ଏନଟିପିସି ଟାଉନ ଥାନା ଆଇଆଇସି ସଞ୍ଜୁକ୍ତା ଖିଲାର, ରେଙ୍ଗାଲି ଆଇଆଇସି ଚଞ୍ଚଳା ନାୟକ ଓ ସମଲ ଥାନା ଆଇଆଇସି ମୃଣାଲ କଲୋଙ୍କ ସହ ସମସ୍ତ ଥାନାର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ଛେଣ୍ଡିପଦା:** ଛେଣ୍ଡିପଦା ଅଞ୍ଚଳର ବିଭିନ୍ନ ଥାନାରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛେଣ୍ଡିପଦା ଥାନା ଅଧିକାରୀ ଦୀପ୍ତିକାନ୍ତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ପୁଲିସର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ସେହିପରି ନିଶା ଶିଳ୍ପାଞ୍ଚଳ ଥାନା ଅଧିକାରୀ ବିଶ୍ୱମ୍ବର ପ୍ରଧାନ, ଜରପଡ଼ା ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ, ବାଗଡ଼ିଆ ଥାନା ଅଧିକାରୀ ଦେବବ୍ରତ ନୟକଙ୍କ ତତ୍ତ୍ୱାବଧାନରେ ସମ୍ପୃକ୍ତ ଥାନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

**ବଣ୍ଟାରପାଳ:** ବଣ୍ଟାରପାଳ ଥାନାରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂ, ଅତିରିକ୍ତ ଥାନା ଅଧିକାରୀ ଓ ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିଲା। ପିଲାମାନେ ଥାନା ପରିଦର୍ଶନ କରିବା ସହ ଫୁଲ ବଗିଚା ଓ ଦୋଳି ଖେଳିଥିଲେ।

**କିଶୋରନଗର:** କିଶୋରନଗର ଥାନା ପରିସରରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଥାନା ଆଇଆଇସି ହରେକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏସ୍‌ଆଇ ପ୍ରସନ୍ନ କୁମାର ରାଉତ, ଏଏସଆଇ ରଶ୍ମିରଞ୍ଜନ ଜେନା, ଗୋପାଳ ବେହେରା, କନଷ୍ଟେବଲ ସସ୍ମିତା କୁଜୁର, ଆଇସିଡିଏସ ସୁପରଭାଇଜର ଅସ୍ମିତା ସାହୁ ଯୋଗଦେଇଥିଲେ। ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁଲିସ-ଜନତା ମଧ୍ୟରେ ସୁସମ୍ପର୍କ ପସ୍ଥାପନ କରିବାରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ।

**ଖାମାର:** ପାଲଲହଡ଼ା ଉପଖଣ୍ଡ ଖମାର ଥାନା ପରିସରରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ଅରୁଣ କୁମାର ଖିଲାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ଅବିନାଶ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା କିଶୋର କିଶୋରୀମାଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଥାନାର ମହିଳା ଅଧିକାରୀ ଜ୍ୟୋତିର୍ମୟୀ ସାହୁ ଏବଂ ସମସ୍ତ କର୍ମଚାରୀଙ୍କ ସମେତ ଅଙ୍ଗନବାଡ଼ି କର୍ମଚାରୀ ଓ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଗାଁ ଦାଣ୍ଡରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

### ● ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

**ଖଜୁରିଆକଟା/ହିନ୍ଦୋଳ, ୯ ।୫(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ କଙ୍କାଲୁ ଗ୍ରାମର ଜଣେ ଯୁବକଙ୍କୁ ଗାଁ ଦାଣ୍ଡରେ ମରଣାନ୍ତକ ଆକ୍ରମଣ କରାଯାଇଛି। ତିନିଜଣ ବ୍ୟକ୍ତି ଦିବାଲୋକରେ ମାଡ଼ମାରି ଯୁବକଙ୍କୁ ଲହୁଲୁହାଣ କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଏ ନେଇ ଆକ୍ରମଣର ଶିକାର ଯୁବକଙ୍କ ପରିବାର ପକ୍ଷରୁ କଣ୍ଡାବଣିଆ ଥାନାରେ ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।



ଅଭିଯୋଗ ଅନୁଯାୟୀ କଙ୍କାଲୁ ଗ୍ରାମର ଶ୍ରୀନୀବାସ ବିଶ୍ୱାଳ (୩୪)ଙ୍କୁ ସେହି ଗ୍ରାମର ଦେବରାଜ ବାରିକ, ସୁନୀଲ ବାରିକ, ଅନୀଲ ବାରିକ ଗତ ୫ ତାରିଖ ଗାଁ ଦାଣ୍ଡରେ ମାଡ଼ମାରି ଲହୁଲୁହାଣ କରିଥିଲେ। ଶ୍ରୀନୀବାସଙ୍କୁ ଗ୍ରାମବାସୀ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅନୁଗୋଳ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଏ ନେଇ ଶ୍ରୀନିବାସଙ୍କ ମା' ସେହିଦିନ ଥାନାରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ପୁଲିସ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଆକ୍ରମଣକାରୀ ଏକ ରାଜନୈତିକ ଦଳର ସମର୍ଥକ ହୋଇଥିବାରୁ ଚାପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି।

### ଜୀବିତଙ୍କୁ ମୃତ ଦର୍ଶାଇ ଭତ୍ତା କାଟିଦେବା ଘଟଣା

# ଗଣମାଧ୍ୟମରେ ଖବର ପ୍ରକାଶ ପରେ ସୁରେଶ ପାଇଲେ ଭତ୍ତା

ହିନ୍ଦୋଳ, ୯ ।୫(ସମିସ)

ବାର୍ଦ୍ଧକ୍ୟ ଅବସ୍ଥାରେ କିପରି ସୁରୁଖୁରୁରେ ଚଳିପାରିବେ ସେଥିପାଇଁ ଯୋଜନା ପ୍ରଣୟନ କରି ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରୁଛନ୍ତି ସରକାର। ହେଲେ କିଛି ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁଁ ଅନେକ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଛନ୍ତି। ଗୋଟିଏ ପଟେ ୬୫ ବର୍ଷୀୟ ଲୋକଙ୍କ ବୟସ ବଢ଼ାଇ ୮୦ ବର୍ଷ ଦର୍ଶାଇ ୩୫ ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି। ଅନ୍ୟପଟେ ହିତାଧିକାରୀଙ୍କ ମୃତ୍ୟୁର ଗୋଟିଏ ବର୍ଷ ଯାଏ ତାଙ୍କୁ ଜୀବିତ ଦର୍ଶାଇ ତାଙ୍କ ନାମରେ ଭତ୍ତା ହଡ଼ପ କରାଯାଉଥିବା ବେଳେ ଅନ୍ୟପଟେ ଜୀବିତ ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ଭତ୍ତା କାଟି ଦିଆଯାଉଛି। ଦାୟିତ୍ୱରେ ଥିବା ଉଚ୍ଚ ଅଧିକାରୀ ସବୁ ଜାଣି ନ ଜାଣିଲା ପରି ଅଭିନୟ କରୁଥିବା ଦେଖିବାକୁ ମିଳୁଛି। ଏଭଳି ସଙ୍ଗୀନ ଅଭିଯୋଗ ଆସିଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ପଞ୍ଚାୟତରୁ। ଜରଡ଼ା ପଞ୍ଚାୟତର ଜଣେ ଜୀବିତ ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ଖୋଦ ପଞ୍ଚାୟତ ଅଧିକାରୀ ତାଙ୍କ ଭତ୍ତା କାଟିଦେଇଥିବା ଭଳି ଘଟଣା ସାମ୍ନାକୁ ଆସିଥିଲା। ହେଲେ ଏ ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପରେ ବ୍ଲକରେ ଭତ୍ତା ଦାୟିତ୍ୱରେ ଥିବା ଅଧିକାରୀ ଗୋଟିଏ ମାସ ପରେ ପୁନର୍ବାର ତାଙ୍କୁ ତାଙ୍କ



ଘରେ ଭତ୍ତା ଟଙ୍କା ପ୍ରଦାନ କରିଛନ୍ତି। ହେଲେ ଜୀବିତଙ୍କୁ ମୃତ ଦର୍ଶାଇ ଭତ୍ତା କାଟିଥିବା ଅଧିକାରୀଙ୍କ ବିରୋଧରେ ବ୍ଲକ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ପରୋକ୍ଷରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବ୍ଲକ ଅଧିକାରୀ ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଜରଡ଼ା ପଞ୍ଚାୟତ ଛୋଟପଡ଼ା ଗ୍ରାମର ସୁରେଶ ବେହେରା ଜଣେ ନିଃସହାୟ ବ୍ୟକ୍ତି ହୋଇଥିବା ବେଳେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ଭତ୍ତା ପାଇ ଆସୁଥିଲେ। ହେଲେ ହଠାତ ତାଙ୍କୁ ଆଉ ଭତ୍ତା ଦିଆଗଲା ନାହିଁ। ଭତ୍ତା ପାଇଁ ସେ



ପଞ୍ଚାୟତକୁ ଯାଇଥିଲେ। ତୁମ ଭତ୍ତା ୨ ମାସ ହେବ କଟିଯାଇଛି, ଆଉ ମିଳିବ ନାହିଁ ବୋଲି ଦାୟିତ୍ୱରେ ଥିବା ଅଧିକାରୀ ରୋକ ଠୋକ ଶୁଣାଇ ଦେଇଥିଲେ। ଏଥିରେ ବିଚଳିତ ହୋଇ ସୁରେଶ ବ୍ଲକ କାର୍ଯ୍ୟାଳୟରେ ଭତ୍ତା ଦାୟିତ୍ୱରେ ଥିବା ଅଧିକାରୀଙ୍କ ନିକଟକୁ ଧାଇଁଥିଲେ। ସେଠାରେ ତାଙ୍କୁ ଉତ୍ତର ମିଳିଥିଲା, ସୁରେଶଙ୍କର ୨ ମାସ ହେଲା ମୃତ୍ୟୁ ହୋଇସାରିଥିବା ପଞ୍ଚାୟତ ଅଧିକାରୀ ରିପୋର୍ଟ କରିଛନ୍ତି। ସେହି କାରଣରୁ ୨ ମାସ ହେବ ଭତ୍ତା କଟିଯାଇଛି। ଅଧିକାରୀଙ୍କ କଥା ଶୁଣି ସୁରେଶଙ୍କ ପାଦରୁ ମାଟି ଖସିଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ସେଠାରେ ଉପସ୍ଥିତ କିଛି ଲୋକ ତାଙ୍କ ମୁଣ୍ଡରେ ପାଣି ଛିଞ୍ଚି ହୋସ ଆସିବା ପରେ ଗାଡ଼ି ସାହାଯ୍ୟରେ ଘରକୁ ପଠାଇ ଦେଇଥିଲେ। ଏଠାରେ ପ୍ରଶ୍ନ

**ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ**

ଉଠେ ଜଣେ ବଞ୍ଚି ଥାଉ ଥାଉ କିପରି ପଞ୍ଚାୟତ ଅଧିକାରୀ ମୃତ ବୋଲି ଦର୍ଶାଇଲେ। ଏ ସମ୍ପର୍କରେ ଜରଡ଼ା ପଞ୍ଚାୟତ ଅଧିକାରୀ ମନୋଜ କୁମାର ଭୋଇଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ମୁଁ ଜରଡ଼ା ପଞ୍ଚାୟତ ଭତ୍ତା ଦାୟିତ୍ୱରେ ନାହିଁ। ପଞ୍ଚାୟତର ଏଡିଓ ଦାୟିତ୍ୱରେ ଅଛନ୍ତି। ସୁରେଶଙ୍କ ଭତ୍ତା ବିଷୟରେ ମୁଁ କିଛି କହିପାରିବି ନାହିଁ ବୋଲି କହିଥିଲେ। ଏଡିଓ ସୁଜିତ ସାହୁଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ମୁଁ ଜରଡ଼ା ପଞ୍ଚାୟତର ଭତ୍ତା ଦେଉଛି। ସୁରେଶ ଭତ୍ତା ପାଇଁ ପଞ୍ଚାୟତକୁ ଆସିଥିଲେ। ହେଲେ ଭତ୍ତା ତାଲିକାରେ ତାଙ୍କ ନାମ ଥିବାରୁ ମୁଁ ତାଙ୍କୁ ଭତ୍ତା ଦେଇପାରିଲି ନାହିଁ ବୋଲି କହିଛନ୍ତି। ବ୍ଲକ ଭତ୍ତା ଦାୟିତ୍ୱରେ ଥିବା ରୋହିତ କୁମାର ପ୍ରଧାନଙ୍କୁ ପଚାରିବାରେ କହିଥିଲେ ୨ ମାସ ପୂର୍ବରୁ ସୁରେଶଙ୍କ ମୃତ୍ୟୁ ହୋଇଯାଇଥିବା ଜରଡ଼ା ପଞ୍ଚାୟତ ଅଧିକାରୀ ବ୍ଲକକୁ ରିପୋର୍ଟ ଦେଇଥିଲେ। ସେହି ଆଧାରରେ ସୁରେଶଙ୍କ ଭତ୍ତା କାଟି ଦିଆଯାଇଛି।

ସୁରେଶ ବ୍ଲକକୁ ଆସି ଏ ସମ୍ପର୍କରେ ଅଭିଯୋଗ କରିବା ପରେ ମୁଁ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରି ପୁନର୍ବାର ଭତ୍ତା ପ୍ରଦାନ ବ୍ୟବସ୍ଥା କରିଛି। ବ୍ଲକ ପକ୍ଷରୁ ପଞ୍ଚାୟତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ସେ କହିଛନ୍ତି। ଏହାର ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ଓଡ଼ିଶା ପୁଲିସର ଜୁଭେଣ୍ଟିକା କାର୍ଯ୍ୟକ୍ରମ





**ଗଁଦିଆ, ୮।୫(ସମିସ):** ଗଁଦିଆ ଥାନା ପରିସରରେ କିଶୋରୀ ବାଳିକାମାନଙ୍କୁ ସଚେତନତା କରାଇବା ପାଇଁ ପୁଲିସ ପକ୍ଷରୁ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅଞ୍ଚଳର ବହୁ ଛାତ୍ରୀ ଉପସ୍ଥିତ ଥିଲେ। ପୁଲିସ ମହାନିର୍ଦ୍ଦେଶକ ଆଭାସୀ ମାଧ୍ୟମରେ ଛାତ୍ରୀମାନଙ୍କୁ ବିଭିନ୍ନ ବିଷୟରେ ସଚେତନ କରାଇଥିଲେ। ଗଁଦିଆ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇ, ଗଁଦିଆ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମାନସୀ ଦାସ, ସୁପରଭାଇଜର ଚାର୍ମି ଆଏଚ ଓ ଗଁଦିଆ ଥାନା ଏଏସଆଇ ସୁକାନ୍ତି ସାହୁ ଛାତ୍ରୀମାନଙ୍କୁ ସାଇବର ଅପରାଧୀ ଓ ଇଣ୍ଟରନେଟ ବ୍ୟବହାର ବେଳେ କିଭଳି ସତର୍କ ରହିବେ ସେ ସମ୍ପର୍କରେ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଥାନା ଏସ୍‌ଆଇ ହୃଦାନନ୍ଦ ମହାନନ୍ଦ, ଏଏସଆଇ ଅଭୟ ନାୟକ, ପ୍ରଭାତ ନାୟକ ଓ କର୍ମଚାରୀଙ୍କ ସମେତ ବହୁ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ।

**ଭୁବନ:** ଭୁବନ ଥାନାରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଥାନା ଅଧିକାରୀ ରେଣୁବାଳା ସାହୁ ଉପସ୍ଥିତ ଛାତ୍ରୀମାନଙ୍କୁ ସାମ୍ପ୍ରତିକ ସମୟର ବଡ଼ ବିପଦ 'ସାଇବର ଅପରାଧ' ବିଷୟରେ ସତର୍କ କରାଇଥିଲେ। ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଲୋକାର୍ପଣକୁ ୪ ମାସ ପୂରିଲା

## କାର୍ଯ୍ୟକ୍ଷମ ହେଉନି ବସଷ୍ଟାଣ୍ଡ

**ପରଜଙ୍ଗ, ୯ ।୫(ସମିସ):** ପରଜଙ୍ଗ ବଜାର ମଧ୍ୟରେ ନୂତନ ଭାବେ ନିର୍ମିତ ହୋଇଥିବା ଅଟଳ ବସଷ୍ଟାଣ୍ଡକୁ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ଗତ ଜାନୁଆରୀ ମାସରେ ଲୋକାର୍ପିତ ହୋଇଥିଲା। ପୂର୍ବରୁ ଏଠାରେ ବସଷ୍ଟାଣ୍ଡ ନ ଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିଲେ। ଏମିତି କି ଗାଡ଼ିରେ ଯିବା ପାଇଁ ଅପେକ୍ଷା କରୁଥିବା ଯାତ୍ରୀମାନେ ବସିବା ପାଇଁ ସ୍ଥାନ ପାଉ ନ ଥିଲେ, ଶୌଚାଳୟ ନ ଥିବାରୁ ମହିଳାମାନେ ବେଶୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ବର୍ତ୍ତମାନ ଏଠାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ହୋଇଛି। ଏଥିରେ ଯାତ୍ରୀଙ୍କ ସୁବିଧା ପାଇଁ ବହୁତ ବ୍ୟବସ୍ଥା କରାଯାଇଛି। ପିଇବା ପାଣିଠାରୁ ଆରମ୍ଭ କରି ଶୌଚାଳୟ, ବିଶ୍ରାମାଗାର, ଇଲେକ୍ଟ୍ରି ଗାଡ଼ି ପାଇଁ ଚାର୍ଜର ବ୍ୟବସ୍ଥା ହୋଇଛି। ଯାହାକି ଗାଡ଼ି ଚାଳକ ସହ ଗାଡ଼ି ମାଲିକ, ଯାତ୍ରୀମାନେ ବେଶ୍ ଖୁସି ହୋଇଥିଲେ। ହେଲେ ଲୋକାର୍ପଣକୁ ୪ ମାସ ବିତିଯାଇଥିଲେ ସୁଦ୍ଧା ଠିକାଦାରଙ୍କଠାରୁ ବିଭାଗ ବର୍ତ୍ତମାନ ସୁଦ୍ଧା ବସ୍‌ଷ୍ଟାଣ୍ଡକୁ ସମ୍ପୂର୍ଣ୍ଣ ଭାବେ ନିଜ ଅଧୀନକୁ ନେଇନାହିଁ। ବର୍ତ୍ତମାନ କେବଳ ବସ୍‌ଷ୍ଟାଣ୍ଡରେ ସରକାରୀ ବସ୍‌ଗୁଡ଼ିକ ରହୁଥିବା ବେଳେ ଘରୋଇ ଯାତ୍ରୀବାହୀ ବସ୍‌ଗୁଡ଼ିକ ବସ୍‌ଷ୍ଟାଣ୍ଡ ଭିତରକୁ ଯାଉନାହାନ୍ତି କିମ୍ବା ଘୋରୋଇ ବସ୍‌ଗୁଡ଼ିକ ପାଇଁ କୌଣସି ସୁବିଧା ହୋଇନାହିଁ। ବସ୍‌ଷ୍ଟାଣ୍ଡରେ



କେବଳ ସିକ୍ୟୁରିଟି ଗାର୍ଡଙ୍କୁ ଛାଡ଼ିଦେଲେ କୌଣସି କର୍ମଚାରୀ ନିଯୁକ୍ତି ହୋଇନାହାନ୍ତି। ଗାଡ଼ି ଧୋଇବାକୁ ବ୍ୟବସ୍ଥା ଥିଲେ ସୁଦ୍ଧା କାର୍ଯ୍ୟକ୍ଷମ ହୋଇନାହିଁ। ବ୍ୟାଟେରୀ ଗାଡ଼ି ଚାର୍ଜ କରିବାକୁ କର୍ମଚାରୀ ନାହାନ୍ତି, ଟିକେଟ କାଉଣ୍ଟର ଖୋଲା ଯାଇନାହିଁ। ଫଳରେ ଗାଡ଼ିଗୁଡ଼ିକ ବସ୍‌ଷ୍ଟାଣ୍ଡ ଭିତରକୁ ଯାଉନାହାନ୍ତି। ତେଣେ ଯାତ୍ରୀମାନେ ବସ୍‌ଷ୍ଟାଣ୍ଡକୁ ନ ଯାଇ ବଜାର ମଧ୍ୟରେ ଖରାତରାରେ ଛିଡ଼ା ହୋଇ ଗାଡ଼ିକୁ ଅପେକ୍ଷା କରିବାକୁ ପଡୁଛି। ତୁରନ୍ତ ନୂତନ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବାକୁ ବସ୍ ମାଲିକମାନେ ଦାବି କରିଛନ୍ତି।

## ସିଏମ୍ ଟ୍ରଫି ଜିତିଲା ତାଳବାହାଲ



**ଢେଙ୍କାନାଳ, ୯ ।୫(ସମିସ):** ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଦ୍ୱାରା ପରିଚାଳିତ ତାଳବାହାଲ ଗ୍ରାସରୁଟ୍ ଭଲିବଲ୍ କେନ୍ଦ୍ରର ୧୪ ବର୍ଷରୁ କମ୍ ବାଳିକା ଟିମ୍ ଅନୁଗୋଳ ଜିଲ୍ଲା ସିଏମ ଟ୍ରଫି ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ୍ ହୋଇଛି। ମେ ୬ ଏବଂ ୭ ତାରିଖ ଅନୁଗୋଳ ଷ୍ଟାଡିୟମରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବାଳିକା ଦଳ ଟ୍ରଫି ହାସଲ କରିଥିବାବେଳେ ବାଳକ ଦଳ ସେମିଫାଇନାଲ ପର୍ଯ୍ୟନ୍ତ ଯିବାରେ ସଫଳ ହୋଇଥିଲେ। ଏହି ପ୍ରତିଯୋଗିତାରେ ତାଳବାହାଲ କେନ୍ଦ୍ରରୁ ମୋଟ ୨୨ ଜଣ ଖେଳାଳି (୧୨ ପୁଅ ଏବଂ ୧୦ ଝିଅ) ଅଂଶଗ୍ରହଣ କରିଥିଲେ। ସମସ୍ତେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ବେଳେ ୧୦ ଜଣ ଖେଳାଳିଙ୍କୁ ଆଗାମୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଅନୁଗୋଳ ଜିଲ୍ଲା ଦଳରେ ଚୟନ କରାଯାଇଛି। ସେମାନେ ହେଲେ ବାଳକ ଦଳର ଶିବାନନ୍ଦ ନାଏକ, ସମୀର ନାଏକ, ବାଳିକା ଦଳର ରୁପାଲୀ ନାଏକ, ମିକି ନାଏକ, ସ୍ୱର୍ଣ୍ଣପ୍ରଭା ନାଏକ, ସାୟନୀ ନାଏକ, ଶିବାନୀ ନାଏକ, ମିରାଲି ନାଏକ, ଶୁଭଶ୍ରୀ ନାଏକ ଏବଂ ସୋନାଲୀ ପ୍ରିୟଦର୍ଶିନୀ ନାଏକ। ଟୁର୍ଣ୍ଣାମେଣ୍ଟରେ ଅନୁଗୋଳ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ପୂର୍ବତନ ଜାତୀୟ ଭଲିବଲ୍ ଖେଳାଳି ଶରତ ଚନ୍ଦ୍ର ପାଇ ଏବଂ ଅନୁଗୋଳ ଆଥଲେଟିକ୍ ଆସୋସିଏସନ ସାଧାରଣ ସମ୍ପାଦକ ଡ. ଗୌରଗୋବିନ୍ଦ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନ ଏନ୍‌ଏସି ବୈଠକରେ ସାମ୍ବାଦିକଙ୍କୁ ବାରଣ

**ଭୁବନ, ୯ ।୫(ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୫ତମ ସାଧାରଣ ବୈଠକ ଏନ୍‌ଏସି ସଭାଗୃହରେ ଅନୁଷ୍ଠିତ ହୋଇଛି। ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ସାଂସଦ ପ୍ରତିନିଧି ଭବାନୀ ଶଙ୍କର ବେହେରା, ଉପାଧ୍ୟକ୍ଷା ମାନିନୀ ସାହୁଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ ପୂର୍ବ ବିବରଣୀ ପାଠ କରିଥିଲେ। ବୈଠକରେ ଚଳିତ ୨୦୨୬-୨୭ ବର୍ଷ ପାଇଁ ବଜେଟ ଅନୁମୋଦନ କରାଯାଇଥିଲା। ୧ ଓ ୯ ନମ୍ବର ୱାର୍ଡର ବିଜେଡି କାଉନସିଲର ଗିରିଧାରୀ ସାହୁ ଓ ପପୁ କୁମାର ସାହୁ ସେମାନଙ୍କ ୱାର୍ଡ ସମସ୍ୟା ଉପସ୍ଥାପନ କରିବା ସମୟରେ ବିଧାୟକ ତାଙ୍କୁ କହିବାକୁ ସୁଯୋଗ ନ ଦେଇ ୱାର୍ଡ ସମସ୍ୟା ଲେଖିକରି ନିର୍ବାହୀ ଅଧିକାରୀଙ୍କୁ ଦେବାକୁ ପରାମର୍ଶ ଦେଇଥିଲେ। ନିର୍ବାହୀ ଅଧିକାରୀ



ରହୁ ନ ଥିବାରୁ ଲୋକଙ୍କ ସମସ୍ୟା ସମାଧାନ ହୋଇ ପାରୁନାହିଁ। ତେଣୁ ଏନ୍‌ଏସିରେ ସ୍ଥାୟୀ ନିର୍ବାହୀ ଅଧିକାରୀ ନିଯୁକ୍ତି ପାଇଁ ଉଭୟ କାଉନସିଲର ଦାବି କରିଥିଲେ। ବୈଠକ ପରେ ପ୍ରାୟ ୯ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ବୁଦ୍ଧେଶ୍ୱର ମନ୍ଦିର ଓ ରଗଡ଼ିଠାରେ ନିର୍ମିତ ବହୁମୁଖୀ ଭବନ, ସୁବିଧା କେନ୍ଦ୍ର, ମଳପଙ୍କ ଉପଚାର କେନ୍ଦ୍ରଠାରେ ପ୍ରଶାସନିକ ବ୍ଲକ ଏବଂ କାଳୀ ବଜାରରେ "ଆମ ପରମ୍ପରା, ଆମ ପରିଚୟ' ଦଶହରା ବଳଦ, କଂସା ପିତ୍ତଳ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଉଦଘାଟନ କରାଯାଇଥିଲା। ଏହି ପ୍ରକଳ୍ପଗୁଡ଼ିକର ଉଦଘାଟନୀ ଫଳକରେ ସାଂସଦଙ୍କ ନାଁ ନ ଥିବା ଦେଖିବାକୁ ମିଳିଥିଲା। ଏ ନେଇ ରାଜନୈତିକ ମହଲରେ ଭିନ୍ନ ଭିନ୍ନ ଚର୍ଚ୍ଚା ହେଉଛି। ଅନ୍ୟପଟେ ନିର୍ବାହୀ ଅଧିକାରୀଙ୍କଠାରୁ ସୂଚନା/ନିମନ୍ତ୍ରଣ ପାଇ ବୈଠକକୁ ଯାଇଥିବା କେତେକ ସାମ୍ବାଦିକଙ୍କୁ ବିଧାୟକ ଉପେକ୍ଷା କରି "ତୁମେମାନେ ଏଠାରେ ରହିବା କିଛି ଆବଶ୍ୟକ ନାହିଁ, କେବଳ ଫଟୋ ଉଠାଇ ପଳାଇ ଯାଅ' ବୋଲି କହିବାରୁ ସାମ୍ବାଦିକମାନେ ସ୍ଥାନ ଛାଡ଼ି ପଳାଇ ଆସିଥିଲେ।

### ● ସ୍ୱପ୍ନେଶ୍ୱର ମନ୍ଦିରରେ ନାବାଳିକା ବିବାହ

## ପୁରୋହିତ, କନ୍ୟାପିତାଙ୍କୁ ଉଠାଇନେଲା ପୁଲିସ

**ଭୁବନ, ୯ ।୫(ସମିସ):** ନାବାଳିକା ବିବାହ ଚାଲୁଥିଲା ବେଳେ ଚଢ଼ଉ କଲେ ଶିଶୁ ମଙ୍ଗଳ ଅଧିକାରୀ ଏବଂ ପୁଲିସ। ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ମହୁଲପାଳ କଣପାଳ ଗ୍ରାମ ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ଏକ ନାବାଳିକା ବିବାହ ଚାଲିଥିବା ସୂଚନା ପାଇ ପ୍ରଶାସନ ପକ୍ଷରୁ ଏହି ଚଢ଼ଉ କରାଯାଇଥିଲା।

ତେବେ ଚଢ଼ଉର ଆଗୁଆ ଖବର ପାଇ ଉକ୍ତ ସ୍ଥାନରୁ ବରକନ୍ୟା ଫେରାର ହୋଇଯାଇଥିଲେ। ପୁଲିସ ମନ୍ଦିର ପୂଜକ ସହ କନ୍ୟାପିତାଙ୍କୁ ହେପାଜତକୁ ନେଇ ତଦନ୍ତ ଚଳାଇଛି। ଏନେଇ ଭୁବନ ଶିଶୁ ମଙ୍ଗଳ ଅଧିକାରିଣୀ ଭଗବତୀ ଗୁରୁ କୁହନ୍ତି, ଯେତେ ସଚେତନ କଲେ ବି ନାବାଳିକା ବିବାହ କରୁଥିବା ଲୋକେ ମାନୁନାହାନ୍ତି। ଚଳିତ ବର୍ଷ ୨ ଜାଗାରେ ଚଢ଼ଉ କରାଯାଇଥିବା ସେ ସୂଚନା ଦେଇଛନ୍ତି।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ହିନ୍ଦୋଳ, ୯ ।୫(ସମିସ):** ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ଗୌତମ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ସୁକୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୦୨୬ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟର ୧୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଛାତ୍ରଚାତ୍ରୀଙ୍କ ମଧ୍ୟରୁ ମାନସ ରଞ୍ଜନ ନାଥ ୫୭୫ ନମ୍ବର ରଖି ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶଶିଭୂଷଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ

**ଢେଙ୍କାନାଳ, ୯ ।୫(ସମିସ):** ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଦାଲତରେ ଦ୍ୱିତୀୟ ରାଷ୍ଟ୍ରିୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଣବ କୁମାର ରାଉତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୋକ ଅଦାଲତ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଛି। ଜିଲ୍ଲାର ବିଭିନ୍ନ ଅଦାଲତରେ ମୋଟ ୨ ହଜାର ୭୭୮ଟି ମାମଲା ଫଏସଲା କରାଯାଇଛି। ସେଥି ମଧ୍ୟରୁ ୧୩ଟି ମୋଟର ଯାନ ସମ୍ପର୍କିତ ହୋଇଥିବା ବେଳେ ୯ଟି ବିବାହ ଓ ପାରିବାରିକ ମାମଲା, ୪୫ଟି ଦେୱାନୀ ମାମଲା, ୭୯୮ଟି ବିଭିନ୍ନ ପ୍ରକାରର ଫୌଜଦାରୀ ମାମଲା, ୧୯୨୩ଟି ରାଜସ୍ୱ ମାମଲାର ସମାଧାନ କରାଯାଇଛି। ମୋଟର ଦୁର୍ଘଟଣା ଜନିତ ପ୍ରାପ୍ୟବାବଦକୁ ମୋଟ ୬୩ଲକ୍ଷ ୯୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଅନ୍ୟାନ୍ୟ ମାମଲା ଏବଂ ଜରିମାନା, ବ୍ୟାଙ୍କ ଋଣ



ଫଏସଲା ପାଇଁ ମୋଟ ୩୪ ଲକ୍ଷ ୧୩ ହଜାର ୪୪୦ଟଙ୍କା ପ୍ରଦାନ କରାଯାଇଛି। ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ଲୋକଅଦାଲତରେ ପାରିବାରିକ ଅଦାଲତର ବିଚାରପତି ଦୀପକ କୁମାର, ମୁଖ୍ୟ ବିଚାରବିଭାଗୀୟମାଜିଷ୍ଟ୍ରେଟ ଛାୟାକାନ୍ତ ଦାଶ, ବରିଷ୍ଠ ଦେୱାନୀ ବିଚାରପତି ଜୀବନ କୁମାର ପଟ୍ଟନାୟକ, ବରିଷ୍ଠ ଦେୱାନୀ ବିଚାରପତି ବିଜୟ ଦାସ, ମହିଳା ଅଦାଲତର ସାନ୍ତା ସାମଲ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଅରିଜିତ ଦାସ, ଉପଖଣ୍ଡ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ରେସ୍ମା ଧଳ ବିସୋଇ, ପ୍ରଥମ ଶ୍ରେଣୀବିଚାର ବିଭାଗୀୟ ମାଜିଷ୍ଟ୍ରେଟ ହୃଷିକେଶ ଖେମୁଣ୍ଡୁ, ବିଭିନ୍ନ ଅଦାଲତଗୁଡ଼ିକ ପରିଚାଳନା କରିଥିଲେ। ଲୋକଅଦାଲତରେ ଅତରିକ୍ତ ଜିଲ୍ଲା ତଥା ସ୍ୱତନ୍ତ୍ର ଜଜ ବିକ୍ରମ କୋଶରୀ ପଟ୍ଟନାୟକ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସସ୍ମିତା ନାୟକ ଉପସ୍ଥିତ ଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିତ ତଥା ସ୍ଥାୟୀ ନିରନ୍ତର ଲୋକଅଦାଲତର ବିଚାରପତି ଶୁଭଙ୍କର ମିଶ୍ର ଏହି ଅଦାଲତଗୁଡ଼ିକର ପରିଚାଳନା କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର ପ୍ୟାନେଲ ଲୟର, ପିଏଲଭି, ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ସିଭିଲକୋର୍ଟ କର୍ମଚାରୀ ସହଯୋଗ କରିଥିଲେ।

# ନବନିର୍ମାଣ କୃଷକ ସଂଘର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଢେଙ୍କାନାଳ, ୯ ।୫(ସମିସ)

ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଗଦାଶିଳା ରାମମନ୍ଦିର ପରିସରରେ ନବନିର୍ମାଣ କୃଷକ ସଂଗଠନ ତରଫରୁ ଜେଲ ଫେରନ୍ତା ଚାଷୀ ନେତୃତ୍ୱ ମାନଙ୍କୁ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ନବନିର୍ମାଣ କୃଷକ ସଂଗଠନ ଦୀର୍ଘ ୧୬ ବର୍ଷ ହେଲା ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଇତ୍ୟାଦି ଦାବୀକୁ ନେଇ ଅନବରତ ଭାବରେ ଧାରଣା, ସତ୍ୟାଗ୍ରହ, ଗଣପଦଯାତ୍ରା ଓ ଜେଲ୍ ଯାତ୍ରା ଇତ୍ୟାଦି ମାଧ୍ୟମରେ ତାର ସଂଘର୍ଷ ଜାରି ରଖିଛି। ଯାହାର ପରିଣାମ ସ୍ୱରୁପ କାଳିଆ ଯୋଜନା ଠାରୁ ଆରମ୍ଭ କରି ଧାନ ଉପରେ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନପୁଟ୍ ସହାୟତାର ଲାଭ ଚାଷୀ ପାଖରେ ପହଞ୍ଚିଛି। ଗତ ମାର୍ଚ୍ଚ ୨୨ ତାରିଖରୁ ଘଟଗାଁରୁ ଆରମ୍ଭ ହୋଇଥିବା ଏକ କୃଷକ ଏକତା ପଦଯାତ୍ରା ପ୍ରାଇସ୍, ପ୍ରେଷ୍ଟିଜ୍, ପେନସନ୍ ୨୦ ବର୍ଷରୁ ପ୍ରତ୍ୟେକ ଚାଷୀଙ୍କୁ ମାସିକ ୧୦ ହଜାର ଟଙ୍କା ସୁରକ୍ଷା ଭତ୍ତା ଏବଂ ୬୦ ବର୍ଷରୁ ପ୍ରତ୍ୟେକ ବୟସ୍କଙ୍କୁ ୩ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଏବଂ ଜମି, ଜଳ, ଜଙ୍ଗଲ, ଖଣି ଉପରେ ମୂଳ ଅଧିବାସୀର ଅଧିକାର ସମେତ ଜଳସେଚନ, ଜଳ ନିଷ୍କାସନ, ଶୀତଳ ଭଣ୍ଡାର, ଧାନର ଅଭାବୀ ବିକ୍ରି ଇତ୍ୟାଦି ୨୧ ଦଫା ଦାବୀକୁ ନେଇ ମାର୍ଚ୍ଚ ୩୧ ତାରିଖରେ ବିଧାନସଭା ସାମ୍ନାରେ ଥିବା ପିଏମଜିରେ ଏକ ଚାଷୀ ସମାବେଶ ମାଧ୍ୟମରେ ସରକାରଙ୍କୁ ଉକ୍ତ ଦାବୀଗୁଡ଼ିକ ବିଷୟରେ ସ୍ମାରକ ପତ୍ର ଦେଇ ଆଲୋଚନା କରିବାର ଥିଲା।



କିନ୍ତୁ, ଡବଲ ଇଞ୍ଜିନ୍ ବିଜେପି ସରକାର ଅହିଂସକ ଓ ଶାନ୍ତିପୂର୍ଣ୍ଣ ଭାବରେ ଚାଲୁଥିବା ସରଳ ଚାଷୀ ଓ ଆଦିବାସୀଙ୍କର ପଦଯାତ୍ରାକୁ କଟକର ଫୁଲନଖରା ଠାରେ ଅଟକାଇ ଗତ ୩୦ ମାର୍ଚ୍ଚରେ ୭୦୦ ଚାଷୀକୁ ଅଗଣତାନ୍ତ୍ରିକ ଭାବରେ ଗିରଫ କରିନେଲେ ଏବଂ ତତ୍ ସହିତ ହିଂସା ଓ ଦଙ୍ଗା ଇତ୍ୟାଦି ମିଛ ଆରୋପ ଲଗାଇ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ସହିତ ଉତ୍ତରପ୍ରଦେଶର ରାଷ୍ଟ୍ରୀୟ ନେତୃତ୍ୱ ଅରବିନ୍ଦ ମୂର୍ତ୍ତି, ଝାଡ଼ଖଣ୍ଡର ନେତୃତ୍ୱ ବିଜୟ ସିଂ ଏବଂ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଏବଂ ଢେଙ୍କାନାଳ ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ କମିଟି ସଦସ୍ୟ ଅଶ୍ୱିନୀ କୁମାରଙ୍କୁ ମିଶାଇ ମୋଟ ୧୨ ଜଣଙ୍କୁ ୧୫ ଦିନ ପାଇଁ ଜେଲ୍ ପଠାଇଦେଲେ।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ନବନିର୍ମାଣ କୃଷକ ସଂଗଠନ ଏପ୍ରିଲ ୨୮ ତାରିଖରୁ କଟକର ସତ୍ୟଭାମାପୁରରୁ ଆରମ୍ଭ କରୁଥିବା 'ରାଜ୍ୟ କୃଷକ ସ୍ୱାଭିମାନ ଯାତ୍ରା' ୩୦ ଜିଲ୍ଲାରେ ଚାଷୀ, ଯୁବକ, ବୁଦ୍ଧିଜୀବୀଙ୍କୁ ଭେଟି ଆଗାମୀ ମେ ୧୪ ତାରିଖରେ ଭୁବନେଶ୍ୱରରେ ସମାପନ ହେବ। ଏଥିରେ ସରକାର ଓ ପ୍ରଶାସନର ଅଗଣତାନ୍ତ୍ରିକ ଓ ଅସାମ୍ବିଧାନକ ମୁଖା ଖୋଲିବା ସହିତ ଚାଷୀର ପ୍ରାଇସ୍, ପ୍ରେଷ୍ଟିଜ୍, ପେନସନ ଓ ଜମି, ଜଳ, ଜଙ୍ଗଲ ଓ ଖଣି ଉପରେ ମୂଳ ଅଧିବାସୀର ଅଧିକାର ସମେତ ୨୧ଟି ଦାବିକୁ ନେଇ ଲୋକଙ୍କ ସ୍ୱାଭିମାନକୁ ଜାଗ୍ରତ ଓ ସଂଗଠିତ କରିବାର ପ୍ରୟାସ ଚାଲୁ ରଖିବା ପାଇଁ ନବନିର୍ମାଣ କୃଷକ ସଂଗଠନ ସଙ୍କଳ୍ପବଦ୍ଧ। ଏଥିପାଇଁ ଏହି ଯାତ୍ରାରେ ସମସ୍ତ ଚାଷୀ, ମୂଲିଆ, ଯୁବକ, ଛାତ୍ର, ମହିଳା, ଓକିଲ, ସାମ୍ବାଦିକ, ବୁଦ୍ଧିଜୀବୀ ଏବଂ ସମସ୍ତ ଗଣତାନ୍ତ୍ରିକ ସଂଗଠନ ସମେତ ବିରୋଧି ରାଜନୈତିକ ଦଳମାନଙ୍କୁ ଏଥିରେ ସହଯୋଗ କରିବା ସହିତ ଗଦାଶିଳା ରାମ ମନ୍ଦିରରେସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

ପରେ ସାମ୍ବାଦିକ ସମ୍ମିଳନୀ ଦ୍ୱାରା ଅକ୍ଷୟ କୁମାର, ପ୍ରହଲ୍ଲାଦ ସାହୁ, ଢେଙ୍କାନାଳ ଜିଲ୍ଲା ପ୍ରଭାରୀ ଅଶ୍ୱିନୀ କୁମାର, ଗଜପତି ପ୍ରଭାରୀ ରଞ୍ଜିତ ପଟ୍ଟନାୟକ, ପ୍ରଫୁଲ୍ଲ ପରିଡ଼ା, ସୁଧାକର ପରିଡ଼ା, ଚନ୍ଦ୍ରଶେଖର ବରାଳ, ଜିଲ୍ଲା ଚାଷୀନେତା କ୍ଷେତ୍ରବାସୀ ବିଶ୍ୱାଳ, ଶ୍ରୀପତି ପ୍ରଧାନ, ଦୁଷ୍ମନ୍ତ ଗଡ଼ନାୟକ, ବାମଦେବ ପରିଡ଼ା, ଗୋପୀ ଜେନା, ରାହାସ ପରିଡ଼ା, ପ୍ରହଲ୍ଲାଦ ସାହୁ, ଏମିତି ମନୱାର ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ।

